# NATIONAL NEWS BULLETIN (ODIA)

## 08th June - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ, ୟୁରୋପୀୟ ସଂଘ ଏବଂ ବେଲ୍‌ଜିୟମ୍‌କୁ ଆଜିଠାରୁ ୭ ଦିନିଆ ସରକାରୀ ଗସ୍ତରେ ଯାଇଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ତାମିଲ୍‌ନାଡୁରେ ଆଗାମୀ ବିଧାନସଭା ନିର୍ବାଚନ ରଣନୀତି ପ୍ରସ୍ତୁତି ନେଇ ଅଂଶୀଦାର ଦଳଙ୍କ ସହ ଆଲୋଚନା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ସରକାରଙ୍କ ବିଭିନ୍ନ ମହତ୍ତ୍ୱାକାଂକ୍ଷୀ ଯୋଜନା ମାଧ୍ୟମରେ ଶିଶୁ, କିଶୋରୀ ଏବଂ ମାଆମାନଙ୍କ ଜୀବନଶୈଳୀରେ କରାଯାଇଛି ବିକାଶ ।

- ଉତ୍ତରାଖଣ୍ଡର ଗଢ଼ୱାଲ୍ ଅଞ୍ଚଳରେ ଯବାନମାନଙ୍କ ସାମରିକ ପ୍ରସ୍ତୁତିର ସମୀକ୍ଷା କଲେ ସେନାମୁଖ୍ୟ ।

ଏବଂ

- ଫ୍ରେଞ୍ଚ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଇଟାଲୀର ସାରା ଇରାନି ଓ ଜସ୍ମିନ୍ ପାଓଲିନ୍ଙ୍କ ଯୋଡ଼ି’ ମହିଳା ଡବଲ୍ସ୍ ଟାଇଟଲ୍ ହାସଲ ।

## ଇ.ଏ.ଏମ୍. - ୟୁରୋପ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଫ୍ରାନ୍ସ, ୟୁରୋପୀୟ ସଂଘ ଏବଂ ବେଲ୍‌ଜିୟମ୍‌କୁ ଆଜିଠାରୁ ୭ ଦିନିଆ ସରକାରୀ ଗସ୍ତରେ ଯାଇଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କର ଫ୍ରାନ୍ସ ଗସ୍ତ କାଳରେ ପ୍ୟାରିସ୍ ଏବଂ ମାର୍ସିଲ୍ ଯାତ୍ରା କରିବା ସହ ତାଙ୍କ ୟୁରୋପୀୟ ସଂଘ ପ୍ରତିପକ୍ଷ ଏବଂ ଫ୍ରାନ୍ସ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜିନ୍ ନୋଏଲ୍ ବ୍ୟାରୋଟ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେ ମଧ୍ୟ ଫ୍ରାନ୍ସର ବରିଷ୍ଠ ନେତୃବୃନ୍ଦ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟସୂଚୀ ରହିଛି । ଡକ୍ଟର ଜୟଶଙ୍କର ଭୂମଧ୍ୟ ସାଗରୀୟ ରାଇସିନା ଆଲୋଚନାର ଉଦ୍‌ଘାଟନୀ ଅଧିବେଶନରେ ଅଂଶଗ୍ରହଣ କରିବେ ।

ୟୁରୋପୀୟ ସଂଘ ଗସ୍ତ କାଳରେ ଡକ୍ଟର ଜୟଶଙ୍କର ସେଠାକାର ଉଚ୍ଚ ପ୍ରତିନିଧି ଏବଂ ଉପରାଷ୍ଟ୍ରପତି କାଜା କାଲାସଙ୍କ ସହ ରଣନୈତିକ ଆଲୋଚନାରେ ଭାଗ ନେବେ । ଶ୍ରୀ ଜୟଶଙ୍କର ୟୁରୋପୀୟ ସଂଘ କମିଶନ୍ ଏବଂ ସଂସଦର ବରିଷ୍ଠ ନେତୃବୃନ୍ଦଙ୍କ ସହ ମଧ୍ୟ ଆଲୋଚନା କରିବେ ।

ସେହିପରି ବେଲ୍‌ଜିୟମ୍ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ବେଲ୍‌ଜିୟମ୍‌ର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ମ୍ୟାକ୍ସିମ୍ ପ୍ରିଭୋଟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବ ସହ ବେଲ୍‌ଜିୟମ୍‌ର ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟିବେ । ସେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ମଧ୍ୟ ଆଲୋଚନା କରିବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ବୈଦେଶିକ ମନ୍ତ୍ରୀଙ୍କର ଏହି ଗସ୍ତ' ୟୁରୋପୀୟ ସଂଘ, ଫ୍ରାନ୍ସ ଏବଂ ବେଲ୍‌ଜିୟମ୍ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି ଆଶା କରାଯାଉଛି ।

## ଅମିତ୍ ଶାହା - ଟି.ଏନ୍. ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ବି.ଜେ.ପି. ନେତା ଅମିତ ଶାହା ଆଜି ତାମିଲ୍‌ନାଡୁରେ ଡି.ଏମ୍.କେ. ସରକାରଙ୍କୁ ଜନବିରୋଧୀ ରାଜନୀତି ପାଇଁ ସମାଲୋଚନା କରିଛନ୍ତି । ମଦୁରାଇଠାରେ ଆୟୋଜିତ ଏକ ଦଳୀୟ ବୈଠକରେ ଯୋଗଦେଇ ଶ୍ରୀ ଶାହା' ଡି.ଏମ୍.କେ. ୩୯ ହଜାର ୭୭୫ କୋଟି ଟଙ୍କା ମଦ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଏନ୍.ଡି.ଏ. ନେତୃତ୍ୱାଧୀନ ସରକାର ତାମିଲ୍‌ନାଡୁକୁ ୬ ଲକ୍ଷ ୮୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ଆସନ୍ତା

ବର୍ଷ ହେବାକୁ ଥିବା ତାମିଲ୍‌ନାଡୁ ବିଧାନସଭା ନିର୍ବାଚନ ଦଳପାଇଁ ଗୁରୁତ୍ୱପୂର୍ଣ୍ଣ । ୨୦୨୬ ରାଜ୍ୟ ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ଅଂଶୀଦାର ଦଳ ନିଶ୍ଚିତ ବିଜୟୀ ହେବା ଉଚିତ । ତାମିଲ୍‌ନାଡୁ ଏବଂ ପଶ୍ଚିମବଙ୍ଗରେ ବି.ଜେ.ପି. ଶାସନ କରିବାର ଆବଶ୍ୟକତା ରହିଛି । ଓଡ଼ିଶା, ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବି.ଜେ.ପି.ର ବିପୁଳ ବିଜୟ ସମ୍ପର୍କରେ ଶ୍ରୀ ଶାହା ସୂଚନା ଦେଇଥିଲେ । ଶ୍ରୀ ଶାହା ସନ୍ତ୍ରାସବାଦ ବିରୋଧରେ କେନ୍ଦ୍ର ସରକାରଙ୍କ ଉଚିତ ଜବାବର ଭୂୟସୀ ପ୍ରଶଂସା କରିଥିଲେ । ଅପରେସନ୍ ସିନ୍ଦୂର ଜରିଆରେ ଭାରତୀୟ ବିମାନ ବାହିନୀ ସେମାନଙ୍କର ବୀରତ୍ୱ ପ୍ରଦର୍ଶନ କରିଥିଲେ । ସନ୍ତ୍ରାସବାଦ ବିରୋଧରେ ଅପରେସନ ସିନ୍ଦୂର ଏବେବି ଜାରି ରହିଛି ବୋଲି ଶ୍ରୀ ଶାହା କହିଛନ୍ତି । ଶ୍ରୀ ଶାହା ଅଂଶୀଦାର ଦଳର ନେତାମାନଙ୍କ ସହ ରାଜନୈତିକ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ ।

## ଆର୍ମି ଚିଫ୍

ସେନାମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଜି ଉତ୍ତରାଖଣ୍ଡର ଗଡ଼ୱାଲ୍ ଅଞ୍ଚଳର ଆଗୁଆ ଘାଟିଗୁଡ଼ିକୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ଦ୍ୱିବେଦୀ ଗଡ଼ୱାଲ୍‌ର ଆଗୁଆ ଘାଟିରେ ନିୟୋଜିତ ଥିବା

ସେନା ଯବାନମାନଙ୍କର ସାମରିକ ଓ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ସେନା ଯବାନମାନଙ୍କ ସହ ଶ୍ରୀ ଦ୍ୱିବେଦୀ ମତ ବିନିମୟ କରି ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ, ଆତ୍ମନିର୍ଭରଶୀଳ ଏବଂ ପେସାଦାର ମନୋବୃତ୍ତିକୁ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀ ଦ୍ୱିବେଦୀ ସାମରିକ ପ୍ରସ୍ତୁତିର ମାନ ଉଚ୍ଚତର କରିବା ଏବଂ ନିରନ୍ତର ସତର୍କତାମୂଳକ ବ୍ୟବସ୍ଥା ବଜାୟ ରଖିବା ଉପରେ ଶ୍ରୀ ଦ୍ୱିବେଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଜେନେରାଲ ଦ୍ୱିବେଦୀ ଜେତିର୍ମଠଠାରେ ପ୍ରଥମ ଗୋଷ୍ଠୀ ବେତାରକେନ୍ଦ୍ରଠାରେ ଆବେକ୍ସ ତରାନା ୮୮ ଦଶମିକ ୪ ଏଫ୍.ଏମ୍. ଉଦ୍‌ଘାଟନ କରିଛନ୍ତି । ଆକାଶବାଣୀର ଏହି କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କ ଭାବ ଓ ଜ୍ଞାନ ଆଦାନ ପ୍ରଦାନ ହେବା ସହ ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ କରାଯାଇପାରିବ ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି । ଶିକ୍ଷା, ପରିବେଶ, ପାଣିପାଗ, ମନୋରଞ୍ଜନ, ନିଯୁକ୍ତି, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଏବଂ ପାରମ୍ପରିକ କଳା ସମ୍ପର୍କରେ ଏହି କେନ୍ଦ୍ର ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

## ସ୍ପେଶାଲ ଫିଚର - ନାରୀ ଶକ୍ତି

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତିକୁ ଆଧାର କରି ଗତ ଏକଦଶନ୍ଧି ମଧ୍ୟରେ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଆକାଶବାଣୀ

ସମ୍ବାଦ ବିଭାଗ ପକ୍ଷରୁ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସଂପର୍କରେ ସ୍ୱତନ୍ତ୍ର ଉପସ୍ଥାପନା କରାଯାଉଛି । ଆଜି ଆସନ୍ତୁ ଜାଣିବା ସାମାଜିକ ପରିବର୍ତ୍ତନ ଏବଂ ସମାବେଶୀ ଯାତ୍ରାରେ ନାରୀଶକ୍ତି ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମହିଳା ସଶକ୍ତୀକରଣ' ସଂପର୍କରେ :

କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ପୁଷ୍ଟି ଯୋଜନା, ପୋଷଣ ଅଭିଯାନ-୨.୦ରେ ଶିଶୁ, କିଶୋରୀ ଏବଂ ମାଆମାନଙ୍କ ଉପରେ ପ୍ରାଧାନ୍ୟ ଦିଆଯାଇଛି । ୨ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉନ୍ନୀତ କରାଯାଉଛି । ଏହାଦ୍ୱରା ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ପ୍ରାକ୍-ବାଲ୍ୟଶିକ୍ଷା ପ୍ରଦାନ କରାଯାଇଛି । 'ପୋଷଣ ଭି, ପଢ଼ାଇ ଭି' ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି । ଜନନୀ ସୁରକ୍ଷା ଯୋଜନା ଏବଂ ଜନନୀ-ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷକରି ଗ୍ରାମାଞ୍ଚଳରେ ନିରାପଦ ପ୍ରସବ ଏବଂ ମାତୃଯତ୍ନକୁ ସୁନିଶ୍ଚିତ କରାଯାଇପାରିଛି ।

ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ୧୨ କୋଟିରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇଛି । ଏହାଦ୍ୱାରା ମହିଳାମାନଙ୍କ ନିରାପଦ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି କରାଯାଇପାରିଛି । ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ୧୦ କୋଟି ଏଲ୍.ପି.ଜି. ସଂଯୋଗ ଯୋଗାଇ ଦିଆଯାଇଛି ।

ଜଳଜୀବନ ଅଭିଯାନ ମାଧ୍ୟମରେ ୧୫ କୋଟିରୁ ଊର୍ଦ୍ଧ୍ୱ ଗ୍ରାମାଞ୍ଚଳ ଲୋକଙ୍କୁ ପାଇପ୍‌ଯୋଗେ ଜଳସଂଯୋଗ ବ୍ୟବସ୍ଥା କରାଯାଇଛି । ଫଳରେ ଜଳ ଯୋଗାଣରେ ରହିଥିବା ଦୈନିକ ସମସ୍ୟା ଦୂର ହୋଇଛି । ସେହିପରି ନାରୀଶିକ୍ଷା କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି । ବିଦ୍ୟାଳୟଗୁଡ଼ିକରେ ବାଳିକାଙ୍କ ଉପସ୍ଥିତି ସଂଖ୍ୟା ୭୫ ଦଶମିକ ୫ ପ୍ରତିଶତରୁ ୭୮ ପ୍ରତିଶତକୁ ବୃଦ୍ଧି ପାଇଛି । କନ୍ୟାସନ୍ତାନମାନଙ୍କ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟନେଇ ସୁକନ୍ୟା ସମୃଦ୍ଧି ଯୋଜନାରେ ବର୍ତ୍ତମାନ ୪ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଖାତା ଖୋଲାଯାଇଛି । ଏହି ଯାତ୍ରା କେବଳ ନାରୀଶକ୍ତିକୁ ସହାୟତା ବା ସମର୍ଥନ ଯୋଗାଇଛି, ତାହା ନୁହେଁ; ବରଂ ଏହା ଦେଶ ଗଠନରେ ମହିଳାଙ୍କ ନେତୃତ୍ୱ କ୍ଷେତ୍ରରେ ସହାୟକ ହୋଇପାରିଛି ।

## ଫ୍ରେଞ୍ଚ୍ ଓପନ୍ ଟେନିସ୍

ଫ୍ରେଞ୍ଚ ଓପନ୍ ଟେନିସ୍-୨୦୨୫ ପ୍ରତିଯୋଗିତାର ଇଟାଲୀର ସାରା ଇରାନି ଓ ଜସ୍ମିନ୍ ପାଓଲିନ୍‌ଙ୍କ ଯୋଡ଼ି ମହିଳା ଡବଲ୍‌ସ୍ ଟାଇଟଲ୍ ହାସଲ କରିଛନ୍ତି । ଏହି ଯୋଡ଼ି କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିଆର ଆଲେକ୍‌ଜାଣ୍ଡ୍ରା କ୍ରୁନିକ୍‌ଙ୍କ ଯୋଡ଼ିକୁ ୬-୪, ୨-୬ ଓ ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି ।

ସେହିପରି ପୁରୁଷ ସିଙ୍ଗଲ୍ସ୍‌ରେ ଆଜି ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ କାର୍ଲୋସ ଆଲ୍‌କାରାଜ ବିଶ୍ୱର ୧ ନମ୍ବର ଖେଳାଳି ଜନ୍ନିକ୍ ସିନ୍ନରଙ୍କୁ ଭେଟିବେ ।

## ବିହାର - ଚିରାଗ୍ ପାଶୱାନ୍

କେନ୍ଦ୍ରମନ୍ତ୍ରୀ ଚିରାଗ୍ ପାଶ୍ୱାନ୍' ବିହାରକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ଲାଗି ରାଜନୀତିକୁ ଆପଣେଇଛନ୍ତି ବୋଲି କହିଛନ୍ତି । ବିହାରର ଭୋଜପୁର ଜିଲ୍ଲାର ଆରା'ଠାରେ ଏକ ଦଳୀୟ ର୍‍ୟାଲିକୁ ଉଦ୍‌ବୋଧନ ଦେଇ ଶ୍ରୀ ପାଶ୍ୱାନ କହିଛନ୍ତି, "ବିହାର ପ୍ରଥମ ଏବଂ ବିହାରୀ ପ୍ରଥମ" ଆଭିମୁଖ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତିଶ୍ କୁମାରଙ୍କ ମିଳିତ ଉଦ୍ୟମକ୍ରମେ "ବିହାର ପ୍ରଥମ ଏବଂ ବିହାରୀ ପ୍ରଥମ" ଆଭିମୁଖ୍ୟ ସଫଳ ହେବାକୁ ଯାଉଛି । ଯୁବବର୍ଗଙ୍କ ଦେଶାନ୍ତର ଗମନକୁ ରୋକାଯିବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆଭିମୁଖ୍ୟର ମୁଖ୍ୟ ଲକ୍ଷ୍ୟ । ଶ୍ରୀ ପାଶୱାନ୍ କହିଛନ୍ତି, ଆଗାମୀ ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.କୁ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ । ଶ୍ରୀ ପାଶ୍ୱାନ୍ ଶାହାବାଦ ଅଞ୍ଚଳରୁ ତାଙ୍କ ଦଳର ନିର୍ବାଚନ ଅଭିଯାନ ଆରମ୍ଭ କରିଥିଲେ । ବିହାର ବିଧାନସଭା

ନିର୍ବାଚନ ପାଇଁ ସେ ଏହି ଅଞ୍ଚଳରୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଶ୍ରୀ ପାଶ୍ୱାନ ସୂଚନା ଦେଇଛନ୍ତି ।

## ଏନ୍.ଆଇ.ଏ. - ମଣିପୁର ଆରେଷ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ.' ଗତବର୍ଷ ମଣିପୁରରେ ସୁରକ୍ଷା ବାହିନୀ ଯବାନ ଉପରକୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ୨ ଜଣ ପୁଲିସ୍ କମାଣ୍ଡୋଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ । ଗତବର୍ଷ ଜାନୁୟାରୀ ମାସ ୧୭ ତାରିଖରେ ଏହି ୩ ଜଣ ତାଙ୍କର ସହଯୋଗୀଙ୍କ ସହିତ' ମୋରେସ୍ଥିତ ଭାରତୀୟ ରିଜର୍ଭ ବାଟାଲିୟନ୍ ପୋଷ୍ଟ ଉପରେ ଆକ୍ରମଣ କରିବାପାଇଁ ଯୋଜନା କରିଥିଲେ । ଏନ୍.ଆଇ.ଏ. ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ଏବଂ ଘଟଣା ସହ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ତଲାସୀ କରାଯାଉଛି ।

## ଇ.ସି.ଆଇ. - ରାହୁଲ୍ ଗାନ୍ଧି

କଂଗ୍ରେସ ନେତା ରାହୁଲ୍ ଗାନ୍ଧିଙ୍କ ଅଭିଯୋଗ ଉପରେ ଭାରତର ନିର୍ବାଚନ କମିଶନ କହିଛନ୍ତି, ଶ୍ରୀ ଗାନ୍ଧି ମହାରାଷ୍ଟ୍ରରେ ତାଙ୍କ ଦଳଦ୍ୱାରା ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ପୋଲିଙ୍ଗ୍ ଏଜେଣ୍ଟମାନଙ୍କୁ ସମାଲୋଚନା

କରିଛନ୍ତି । କମିଶନ କହିଛନ୍ତି, ପୋଲିଙ୍ଗ୍ ବୁଥ୍‌ରେ ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗର ସି.ସି.ଟି.ଭି. ଫୁଟେଜ୍ ହାଇକୋର୍ଟଙ୍କଦ୍ୱାରା ସମୀକ୍ଷା କରାଯାଇଥାଏ । ରାହୁଲ୍ ଗାନ୍ଧିଙ୍କୁ ବୁଥ୍‌ସ୍ତରୀୟ ସି.ସି.ଟି.ଭି. ଫୁଟେଜ୍ ଦିଆଯିବାକୁ କମିଶନ୍ ନାପସନ୍ଦ କରିବା ସହ ଏହା ଭୋଟର୍‌ମାନଙ୍କ ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ ହେବ ବୋଲି କହିଛନ୍ତି । ଶ୍ରୀ ଗାନ୍ଧି ନିଜ ଅଭିଯୋଗ ସମ୍ପର୍କରେ ଲିଖିତ ଭାବେ ଜଣାଇଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନ କହିଛନ୍ତି ।

*****